ରୋଗୀ କଲ୍ୟାଣ ସମିତି

# ଗୋଷ୍ଠୀ ଅଂଶଗ୍ରହଣ ମାଧ୍ୟମରେ ଡାକ୍ତରଖାନା /ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ନିମନ୍ତେ ଏକ ସକ୍ଷିପ୍ତ ମାର୍ଗଦର୍ଶିକା




ମିଶନ ନିର୍ଦ୍ଦେଶାଳୟ
ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡିଶା ସରକାର

ରୋଗୀ କଲ୍ୟାଣ ସମିତି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କ ସୁବିଧା ନିମନ୍ତେ ଏକ ପରିଚାଳନାଗତ ବ୍ୟବସ୍ଥା । ଏହା ସମସ୍ତ ସରକାରୀ ଡାକ୍ତରଖାନାରେ ଗଠନ କରାଯାଇଛି । ଏହି ସମିତି ଉନ୍ନୟନ ମୂଳକ କାର୍ଯ୍ୟାବଳୀ ସମ୍ପାଦନରେ ସହାୟତା କରିବା ସହିତ ଗୁଣାତ୍ମକ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଅଛି ।

ଉକ୍ତ ସମିତି, ସଂଘ/ ସମିତି ପଞ୍ଜିକରଣ ଆଇନ ୧୮୬୦ ଅନୁଯାୟୀ ପଞ୍ଜିକୃତ ହୋଇଛି, ଏବଂ ଏହାର ପରିଚାଳନା ଦାୟିତ୍ୱରେ ସମିତିର ସଭ୍ୟମାନେ ନିଯୁକ୍ତ ।
ଏହା ସମ୍ବଳ ଉତ୍ପାଦନ କରିପାରିବ ଏବଂ ଉକ୍ତ ପାଣ୍ଠିର ବ୍ୟବହାର କରି ସହଜରେ କାର୍ଯ୍ୟ କରିବା ସହିତ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ସେବା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ ।

## ରୋଗୀ କଲ୍ୟାଣ ସମିତିର ଅଭିପ୍ରାୟ:

- ଜନ ସହଯୋଗରେ ଡାକ୍ତରଖାନା ପରିଚାଳନାରେ ଗୁଣାତ୍ମକ ଉନ୍ନତି ଆଣିବା
- ସ୍ୱାସ୍ଥ୍ୟ ଅନୁଷ୍ଠାନର ଉନ୍ନିତ କରଣ କରିବା ଏବଂ ଏହାର ଆଧୁନୀକୀକରଣ କରିବା, ଅନୁଷ୍ଠାନ ଗୁଡିକ ପାଇଁ ଯନ୍ତ୍ରପାତି କିଣିବା, ଶୃଙ୍ଖଳା ରକ୍ଷା ଏବଂ ଉତ୍ତର ଦାୟିତ୍ୱର ପର୍ଯ୍ୟାଲୋଚନାକୁ ନିଶ୍ଚିତ କରିବା ।
- ସ୍ୱାସ୍ଥ୍ୟ ସେବାଗୁଡିକର ଗୁଣାତ୍ମକ ମାନକୁ ଉନ୍ନତ କରିବା ସହିତ ତାକୁ ବଜାୟ ରଖିବା ପାଇଁ କାର୍ଯ୍ୟ ସମ୍ପାଦନ କରିବା ।
- ସ୍ୱାସ୍ଥ୍ୟ ଅନୁଷ୍ଠାନର ଅଭାବଗୁଡିକୁ ମେଣ୍ଟାଇବା ନିମନ୍ତେ ସମ୍ବଳ ବ୍ୟବସ୍ଥା କରିବା ପାଇଁ ସେବା ଉପଯୋଗ ଦେୟ ପ୍ରଚଳନ କରିବା ।
- ସ୍ୱାସ୍ଥ୍ୟ ଅନୁଷ୍ଠାନର ପରିଷ୍କାର ପରିଚ୍ଛନ୍ନତାକୁ ନିଶ୍ଚିତ କରିବା ।

## ରୋଗୀ କଲ୍ୟାଣ ସମିତିର କାର୍ଯ୍ୟାବଳୀ :

୧. ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ସ୍ଥାନୀୟ ସଙ୍ଗଠନ ଗୁଡିକୁ ସୁ-ସକ୍ରିୟ କରିବ ।
୨. ଡାକ୍ତରଖାନା/ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ମାନେ ସମ୍ମୁଖିନ ହେଉଥିବା ସମସ୍ୟାଗୁଡିକୁ ଚିହ୍ନଟ କରିବା ।
୩. ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ରିହାତି ଦରରେ ଗୁଣାତ୍ମକମାନର ଖାଦ୍ୟ, ଔଷଧ, ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବା ।
୪. ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥାରେ ଉନ୍ନତି ଆଣିବା ।
୫. ଡାକ୍ତରଖାନାର ରକ୍ଷଣାବେକ୍ଷଣ ଓ ସେଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ନିମନ୍ତେ ଗୋଷ୍ଠୀର ଅଂଶ ଗ୍ରହଣକୁ ଉତ୍ସାହିତ କରିବା ।
୬. ଡାକ୍ତରଖାନାର ଦୈନନ୍ଦିନ ପରିଚାଳନା ନିମନ୍ତେ ସ୍ଥାୟୀ ଓ ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିବା ।
୧. ଡାକ୍ତରଖାନ/ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଯନ୍ତ୍ରପାତି, ସରଞ୍ଜାମ ଏବଂ ଆମ୍ବୁଲାନ୍ସ ସେବାର ରକ୍ଷଣାବେକ୍ଷଣ କରାଇବା ।
୨. ସହାୟକ ସେବା ଯଥା- ସଫେଇ ସେବା, ରଜକ ସେବା,ରୋଗନିରୁପଣ ସୁବିଧା ଏବଂ ଆମ୍ବୁଲାନ୍ସ ସେବା, ଭୋଜନାଳୟ ସୁବିଧା ଆଦି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବେସରକାରୀ ସଂସ୍ଥା ( ବ୍ୟକ୍ତି ବିଶେଷ ସମେତ ) ସହିତ ସହଭାଗିତା ଆରମ୍ଭ କରିବା ।

## ରୋଗୀକଲ୍ୟାଣ ସମିତିର ଗଠନ :

ରୋଗୀକଲ୍ୟାଣ ସମିତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , କ୍ୟାପିଟାଲ ହସ୍‌ପିଟାଲ/ରାଉରକେଲା ସରକାରୀ ହସ୍‌ପିଟାଲ, ଉପଖଣ୍ଡ ଚିକିତ୍ସାଳୟ, ବ୍ଲକ୍ ସ୍ତରୀୟ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର / ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର , ଅଞ୍ଚଳ ଚିକିତ୍ସାଳୟ, ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଠନ କରାଯାଇଅଛି । ରୋଗୀ କଲ୍ୟାଣ ସମିତି ୨ଟି କମିଟିକୁ ନେଇ ଗଠିତ ଯଥା-

- ✓ ପରିଚାଳନା ପରିଷଦ
- ✓ କାର୍ଯ୍ୟକାରୀ କମିଟି